ଧରିତ୍ରୀ
DHARITRI
ରବିବାର, ୨୩ ମେ, ୨୦୨୧

## ଜିଆଦ ମାଂସ ଜବତ, ଦୁଇ ଶିକାରୀ ଗିରଫ

ଜଗନ୍ନାଥପ୍ରସାଦ,(ଡି.ଏନ.ଏ.): ବୁଗୁଡ଼ା ବନାଞ୍ଚଳ ଅଧୀନ ପଞ୍ଚଭୂତି ଫରେଷ୍ଟ ବିଟ ହାଉସ ନିକଟ ଆମ୍ବତୋଟାରୁ ଶନିବାର ଜିଆଦ ଶିକାର ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୁଲୁ ସେଠୀ ଓ ତ୍ରିନାଥ ସେଠୀ। ତାଙ୍କ ନିକଟରୁ ବନ ବିଭାଗ ପ୍ରାୟ ୮ କେଜି ଜିଆଦ ମାଂସ ଜବତ କରିଛି। ପଞ୍ଚଭୂତି ବନପାଳ ଶୁଭଙ୍କ ରଇତଙ୍କ ସୂଚନା ପ୍ରକାରେ, ରାତ୍ରି ପେଟ୍ରୋଲିଂ ସାରି ଫେରୁଥିବା ବେଳେ ଆମ୍ବତୋଟା ମଝିରେ ଅଭିଯୁକ୍ତ ଦ୍ୱୟଙ୍କୁ ଧରିଥିଲା। ଅଧିକ ପଚରାଉଚରା ପରେ ବିଦ୍ୟୁତ୍ ତାର ଲଗାଇ ବନ୍ୟଜନ୍ତୁ ଜିଆଦକୁ ଶିକାର କରିଥିବା ସ୍ପଷ୍ଟ ହୋଇଥିଲା। ଏ ନେଇ ନଂ. ୪୨/୨୦୨୧-୨୨ ପ୍ରକାରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।



# ଗୋପାଳପୁର ସମୁଦ୍ରରେ ଉଚ୍ଚ ଜୁଆର



ସମୁଦ୍ରରେ ଆସୁଥିବା ଉଚ୍ଚ ଜୁଆର।

ବ୍ରହ୍ମପୁର ଅଫିସ,୨୨।୫

- ଚିନ୍ତାରେ ମତ୍ସ୍ୟଜୀବୀ
- ମହାନଗର ନିଗମ ପକ୍ଷରୁ ସ୍ୱତନ୍ତ୍ର ସାନିଟେଶନ୍ ଟିମ୍

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣି ବଳୟ ପ୍ରଭାବରେ ଗୋପାଳପୁର ସମୁଦ୍ରରେ ଶନିବାର ଉଚ୍ଚ ଜୁଆର ଦେଖିବାକୁ ମିଳିଛି। ସମ୍ଭାବ୍ୟ ବାତ୍ୟା ଆଶଙ୍କାକୁ ନେଇ ଗଞ୍ଜାମ ଜିଲା ପ୍ରଶାସନ ଓ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। ମହାନଗର ନିଗମର ୪୦ ୱାର୍ଡ଼ରେ ୨୧ ବାତ୍ୟା ଆଶ୍ରୟସ୍ଥଳୀ ଖୋଲାଯାଇଛି। ଏଥିସହ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ୨୧ ଜଣ ନୋଡାଲ୍ ଅଧିକାରୀଙ୍କ ସହ ୪ ଜଣ ସେକ୍ଟର ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଯଦି ବର୍ଷା ଲାଗି ରହେ ତେବେ ସହରତଳି ବାସିନ୍ଦାଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବା ନେଇ ଯୋଜନା ହୋଇଥିବା ବିଏମ୍‌ସି ଡେପୁଟି କମିଶନର ରୋମାଞ୍ଚଳ ଖମାରୀ ସୂଚନା ଦେଇଛନ୍ତି। ଏଥିସହ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ସାନିଟେଶନ୍ ଟିମ୍ ସହ ହିଟାଚି, ଜେସିବି, ଜେନେରେଟର ଓ ମୋଟର ପମ୍ପ ମଧ୍ୟ ପ୍ରସ୍ତୁତ ହୋଇ ରହିଥିବା ସେ କହିଛନ୍ତି। ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଆସନ୍ତା ୨୪ ତାରିଖରେ ଘୂର୍ଣ୍ଣିବଳୟ ସାମୁଦ୍ରିକ ଝଡ଼ରେ ପରିଣତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆଗୁଆ ସୂଚନା ମିଳିବା ପରେ ସମୁଦ୍ରକୁ ଯିବା ପାଇଁ ଗୋପାଳପୁର ଏନ୍‌ଏସି ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ବାତ୍ୟା ଆଶଙ୍କାକୁ ନେଇ ଗୋପାଳପୁର ଅଞ୍ଚଳର ବହୁ ମତ୍ସ୍ୟଜୀବୀ ଚିନ୍ତାରେ ପଡିଛନ୍ତି। ମତ୍ସ୍ୟଜୀବୀମାନେ ଡଙ୍ଗାଗୁଡିକୁ ସୁରକ୍ଷିତ ସ୍ଥାନରେ ରଖିବା ଆରମ୍ଭ କରିଛନ୍ତି। କରୋନା ମହାମାରୀ ଯୋଗୁ ଖୁବ୍ କମ୍ ସଂଖ୍ୟକ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ମାରିବାକୁ ଯାଉଥିବା ବେଳେ ବାହାର ରାଜ୍ୟକୁ ମାଛ ରପ୍ତାନି ହୋଇପାରୁ ନାହିଁ। ଫଳରେ ବ୍ୟବସାୟରେ ମାନ୍ଦାବସ୍ଥା ଦେଖାଦେଇଛି। ଏବେ ପୁଣି ଏକ ସାମୁଦ୍ରିକ ଝଡ଼ ଆଶଙ୍କା ଜୀବନଜୀବିକା ଉପରେ ପ୍ରଭାବ ପକାଇବ ବୋଲି ବହୁ ମତ୍ସ୍ୟଜୀବୀ ମତ ଦେଇଛନ୍ତି। ଏଣୁ ପ୍ରଶାସନ ପକ୍ଷରୁ ଆଗୁଆ ସହାୟତା ପ୍ରଦାନ ଲାଗି ବହୁ ମତ୍ସ୍ୟଜୀବୀ ଅନୁରୋଧ କରିଛନ୍ତି।

### ସେମାନେ ଯାହା କୁହନ୍ତି...



"ଝଡ଼ ବାତ୍ୟା ବିଷୟରେ ସୋସିଆଲ୍ ମିଡ଼ିଆ ଓ ଏନ୍‌ଏସି ପକ୍ଷରୁ ଜାଣିବା ପରେ ସମୁଦ୍ରକୁ ଯିବା ବନ୍ଦ କରିଛୁ। କିନ୍ତୁ ପ୍ରଶାସନ ପକ୍ଷରୁ ଏଯାବତ୍ କୌଣସି ନିର୍ଦ୍ଦେଶ କିମ୍ବା ସହାୟତା ମିଳିନି। ଭଗବାନ ଭରସାରେ ବସି ରହିଛୁ।

- ବି.ମାସିୟାନୁ, ମତ୍ସ୍ୟଜୀବୀ



"ବାତ୍ୟା ନେଇ ପ୍ରଶାସନ ପକ୍ଷରୁ ଆଶ୍ରୟ ସ୍ଥଳୀରେ ରହିବା ନେଇ କୌଣସି ସୂଚନା ଦିଆଯାଇ ନାହିଁ। ମହାମାରୀ କରୋନା କାରଣରୁ ମତ୍ସ୍ୟ ବ୍ୟବସାୟ ମାନ୍ଦା ରହିଛି। ଏବେ ପୁଣି ଝଡ଼ ବାତ୍ୟା ଜୀବିକା ଅର୍ଜନ କ୍ଷେତ୍ରରେ ଚିନ୍ତାର କାରଣ ପାଲଟିଛି।

- ଭି.କ୍ରିଷ୍ଣା ରାଓ, ମତ୍ସ୍ୟଜୀବୀ



"କରୋନା ଯୋଗୁ ଖୁବ୍ କମ୍ ସଂଖ୍ୟକ ମତ୍ସ୍ୟଜୀବୀ ମାଛ ମାରିବାକୁ ସମୁଦ୍ରକୁ ଯାଉଥିଲେ। ବର୍ତ୍ତମାନ ବାହାର ରାଜ୍ୟକୁ ମାଛ ରପ୍ତାନୀ ହ୍ରାସ ପାଇଛି। ଫଳରେ ବହୁ ମତ୍ସ୍ୟଜୀବୀ କ୍ଷତି ସହୁଛନ୍ତି। ଏବେ ପୁଣି ଥରେ ସାମୁଦ୍ରିକ ଝଡ଼ କାରଣରୁ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି। ବର୍ତ୍ତମାନ ପ୍ରଶାସନର ସହାୟତାକୁ ଚାହିଁ ରହିଛୁ।

- ଡି.ଲକ୍ଷ୍ମଣ ରାଓ, ମତ୍ସ୍ୟଜୀବୀ



"ପୂର୍ବରୁ ହୋଇଥିବା ବିଭିନ୍ନ ସାମୁଦ୍ରିକ ଝଡ଼ ସମୟରେ ପ୍ରଶାସନ ପକ୍ଷରୁ ସହାୟତା ମିଳିଥିଲା। ଚଳିତ ଥର ମଧ୍ୟ ସହାୟତା ମିଳିବ ବୋଲି ଆଶା ରଖିଛୁ। ଭଗବାନଙ୍କ ଉପରେ ଭରସା ରହିଛି ଆସୁଥିବା ଝଡ଼ ବାତ୍ୟାରେ କାହାର କିଛି କ୍ଷତି ହେବ ନାହିଁ।

- ଏ.ଆରାୟା, ମତ୍ସ୍ୟଜୀବୀ

## ସଂକ୍ଷେପରେ

### ଗଜପତିରେ ପୁଣି ୧୫୭ ଆକ୍ରାନ୍ତ, ଜଣେ ମୃତ

ପାରଳାଖେମୁଣ୍ଡି,୨୨।୫ (ଡି.ଏନ୍.ଏ.): ଗଜପତି ଜିଲାରେ ଶନିବାର ୧୫୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତ ସଂଖ୍ୟା ୭୫୭୬କୁ ବୃଦ୍ଧିପାଇଛି। ପାରଳାଖେମୁଣ୍ଡିରେ ସର୍ବାଧିକ ୩୯, ଗୋଷାଣୀ ବ୍ଲକରେ ୨୬, ଗୁମ୍ମା ବ୍ଲକରେ ୪, କାଶୀନଗର ବ୍ଲକରୁ ୨୩, ମୋହନା ବ୍ଲକରୁ ୧୩, ନୂଆଗଡ ବ୍ଲକରୁ ୧୨, ଆର.ଉଦୟଗିରି ବ୍ଲକରୁ ୨୨, ରାୟଗଡ଼ ବ୍ଲକରୁ ୭, ଗଜପତିରୁ ଜଣେ, ଆନ୍ଧ୍ର ପ୍ରଦେଶ ୧୦ ପ୍ରବାସୀ ଚିହ୍ନଟ ହୋଇଥିବା ବେଳେ ପାରଳାଖେମୁଣ୍ଡିର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏଥିସହ ୮୪ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

### ଗଞ୍ଜେଇ ବୋଝେଇ ଟ୍ରାକ୍ଟର ଜବତ

ବେଗୁନିଆପଡ଼ା,୨୨।୫(ଡି.ଏନ.ଏ.): ବେଗୁନିଆପଡ଼ା ବଜାରଠାରୁ କଞ୍ଚଣା ରାସ୍ତା ମଧ୍ୟରେ ଥିବା ବିଜୟ୍ ଫେମିଲି ରେଷ୍ଟୁରାଣ୍ଟ ନିକଟରୁ ଶନିବାର ଗଞ୍ଜେଇ ବୋଝେଇ ହୋଇ ଯାଉଥିବା ଏକ ଟ୍ରାକ୍ଟରକୁ ତହସିଲଦାର ଅଟକାଇଥିଲେ। ଟ୍ରାକ୍ଟରରେ ଉପରକୁ ଇଟା ଥିବା ବେଳେ ଭିତରେ ବସ୍ତା ବସ୍ତା ଗଞ୍ଜେଇ ରହିଥିଲା। ଶନିବାର ଶଟଡାଉନ୍ ଲାଗୁ ହୋଇଥିବା ବେଳେ ସ୍ଥାନୀୟ ତହସିଲଦାର ଅବନୀ କୁମାର ସାହୁ ସ୍ଥିତି ପରଖିବା ନିମନ୍ତେ ଯାଉଥିବା ବେଳେ ଟ୍ରାକ୍ଟରକୁ ଅଟକାଇଥିଲେ। ଏହି ସମୟରେ ଡ୍ରାଇଭର ଚମ୍ପଟ୍ ମାରିଥିଲେ। ବେଗୁନିଆପଡା ଫାଣ୍ଡି ପୋଲିସ, କୋଦଳା ଥାନାଧିକାରୀ ଦେବାଶିଷ ମହାନ୍ତି, ଖଲ୍ଲିକୋଟ ଅବକାରୀ ବିଭାଗ, ଛତ୍ରପୁର ଅବକାରୀ ବିଭାଗ ପୋଲିସ ଫୋର୍ସ ପହଞ୍ଚି ଟ୍ରାକ୍ଟରକୁ ସିଜ୍ କରିଥିବା ବେଳେ ଘଟଣାର ତଦନ୍ତ ଚଳାଇଛନ୍ତି।

### ମିନି କଣ୍ଟେନମେଣ୍ଟ ହେଲା ମଧୁପଲୀ

ପୋଲସରା,୨୨।୫(ଡି.ଏନ.ଏ.): ପୋଲସରା ବ୍ଲକ ଅନ୍ତର୍ଗତ ମଧୁପଲୀ ଗ୍ରାମର ନୂଆସାହିରେ ୫ ଜଣ ପଜିଟିଭ୍ ଚିହ୍ନଟ ହେବା ପରେ ଉକ୍ତ ସାହିକୁ ଜିଲା ପ୍ରଶାସନ ମିନି କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛି। ମିନି କଣ୍ଟେନମେଣ୍ଟ ଘୋଷଣା ପରେ ଶନିବାର ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପିଏଚଇଓ ଭଗବାନ ସାହୁ, ଆୟୁଷ ଡାକ୍ତର ଚିନ୍ମୟ ସାହୁ, ମହିଳା ସ୍ୱାସ୍ଥ୍ୟକର୍ମୀ ସଂଗିତା ଖାଡଙ୍ଗା, ପୁରୁଷ ସ୍ୱାସ୍ଥ୍ୟକର୍ମୀ ରାଜୀବ ଲୋଚନ ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ନାୟକ, ସରପଞ୍ଚ ପ୍ରତିନିଧି ବସନ୍ତ କରଣ, ଅଙ୍ଗନୱାଡି କର୍ମୀ କଳାବତୀ ପ୍ରଧାନ, ଗାୟତ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ଏସିଏଫ୍, ଡାକ୍ତରଙ୍କ ପରଲୋକ

ଭଞ୍ଜନଗର,୨୨।୫(ଡି.ଏନ.ଏ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ଅବସରପ୍ରାପ୍ତ ଏସିଏଫ୍ ତଥା ଭେଜିପୁଟ ବାସିନ୍ଦା ଗୋକୁଳ ଚନ୍ଦ୍ର ଶତପଥୀ (୬୬)ଙ୍କର ଶନିବାର ମୃତ୍ୟୁ ହୋଇଛି। ସେ ଆଜକୁ କିଛିଦିନ ହେବ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିଲେ। ସେହିଭଳି ସ୍ଥାନୀୟ ଆରସିରୋଡ଼ରେ ରହୁଥିବା ଅବସରପ୍ରାପ୍ତ ଡାକ୍ତର ଡ଼.ହରିହର ତ୍ରିପାଠୀ (୯୦)ଙ୍କର ମଧ ଶନିବାର ମୃତ୍ୟୁ ଘଟିଛି। ସେ ମଧ୍ୟ କରୋନାରେ ଆକ୍ରାନ୍ତ ହୋଇ ବ୍ରହ୍ମପୁରରେ ଚିକିତ୍ସାଧୀନ ଥିଲେ। କିଛିଦିନ ପୁର୍ବେ କରୋନାରୁ ସୁସ୍ଥ ହୋଇ ଘରକୁ ଫେରିଥିଲେ। ସେ ୨ଟି ଟିକା ନେଇଥିଲେ ମଧ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

## ବାଳ ସୁଧାର ଗୃହର ୨୫ ଅନ୍ତେବାସୀଙ୍କୁ ଟିକାକରଣ

ବ୍ରହ୍ମପୁର ଅଫିସ,୨୨।୫

ବ୍ରହ୍ମପୁର ଜରଡ଼ା ବଙ୍ଗଳା ରୋଡ଼ ସ୍ଥିତ ସ୍ୱତନ୍ତ୍ର ବାଳ ସୁଧାର ଗୃହରେ ଶନିବାର ଟିକାକରଣ କରାଯାଇଛି। ଗୃହରେ ୧୮ବର୍ଷରୁ ଅଧିକ ବୟସ୍କ ମୋଟ ୨୫ ଜଣଙ୍କୁ ପ୍ରଥମ ପର୍ଯ୍ୟାୟ କୋଭିଡ୍ ଟିକାକରଣ କରାଯାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ସୁବୋଧ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ବିଏମ୍‌ସିର ଟିମ୍ ଏହି ଟିକାକରଣ କରିଛନ୍ତି। ଜଣେ ଅନ୍ତେବାସୀ ଟିକା ନେବେ ନାହିଁ ବୋଲି ଲିଖିତ ଆକାରରେ ଦେଇଥିଲେ। ଏଣୁ ତାଙ୍କୁ ଟିକା ଦିଆଯାଇ ନାହିଁ ବୋଲି ସୂଚନା ଦିଆଯାଇଛି। ଯେଉଁ ଅନ୍ତେବାସୀଙ୍କୁ ଥଣ୍ଡା କି କାଶ ହେଉଛି ତାଙ୍କୁ ୧୪ଦିନ ପାଇଁ ସଙ୍ଗରୋଧରେ ରଖାଯାଉଛି। ତାଙ୍କର ଚିକିତ୍ସା ପାଇଁ ଡାକ୍ତର, ନର୍ସ ଓ ଫାର୍ମାସିଷ୍ଟ ରହିଛନ୍ତି। ଗତ ପ୍ରାୟ ୧୫/୨୦ ଦିନ ତଳେ ଜଣେ ଅନ୍ତେବାସୀଙ୍କର କୋଭିଡ୍ ପରୀକ୍ଷା କରାଯାଇଥିଲା। କିନ୍ତୁ ତାଙ୍କର ରିପୋର୍ଟ ନେଗେଟିଭ୍ ଆସିଥିଲା। ଏହି ଗୃହରେ ୧୪ ଜିଲାର ନାବାଳକ ରହୁଛନ୍ତି। ବର୍ତ୍ତମାନ ୧୨୦ରୁ ଅଧିକ ଅନ୍ତେବାସୀ ରହିଥିବା ସୂଚନା ମିଳିଛି। ସେହିପରି ଗୋପାଳପୁରସ୍ଥିତ ଶ୍ରଦ୍ଧା ସଞ୍ଜୀବନୀରେ ୪, ଧରାକୋଟ ବାଲ୍ମୀକେଶ୍ୱର ଆଶ୍ରମରେ ୫ ଓ ଉତ୍କଳ ବାଳାଶ୍ରମରେ ୪ଜଣ ୧୮ ବର୍ଷରୁ ଅଧିକ ବୟସ୍କ ରହିଛନ୍ତି। ସେମାନଙ୍କ ଟିକାକରଣ ପାଇଁ ଲିଖିତ ଆକାରରେ ସ୍ୱାସ୍ଥ୍ୟ ବିଭାଗ ଓ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଖୁବ୍‌ଶୀଘ୍ର ତାଙ୍କୁ ମଧ ଟିକା ଦିଆଯିବ ବୋଲି ଡିସିପିଓ ଷଡଙ୍ଗୀ କହିଛନ୍ତି।

## ବଇଡ଼ା ହାଇସ୍କୁଲରୁ ଦିନରେ ଚାଉଳ ଚାଲାଣ

ଫୁଲବାଣୀ ଅଫିସ, ୨୨।୫

ଯେତେ ଲୁଚାଇବାକୁ ଚେଷ୍ଟା କଲେ ବି ଲୁଚୁନି। ଜିଲା ମଙ୍ଗଳ ବିଭାଗରେ ସବୁବେଳେ କଳା କାରନାମା । କେତେବେଳେ ପିଲାଙ୍କୁ ଖାଇବାକୁ ନ ଦେବା, ଛାତ୍ରୀ ଗର୍ଭବତୀ ହେବା ସହ ଅସଦାଚରଣ କରିବାକୁ ନେଇ ମଙ୍ଗଳ ବିଭାଗର ସ୍କୁଲ ସବୁବେଳେ ଚର୍ଚ୍ଚାରେ ରହିଆସିଛି। ପିଲାଙ୍କ ପାଇଁ ଆସିଥିବା ଚାଉଳ ଶିକ୍ଷକ ବିକ୍ରି କରିବାକୁ ପଛାଉନାହାନ୍ତି । କୋଭିଡ୍ ସମୟରେ ଏଭଳି କାର୍ଯ୍ୟ ଦେଖିବାକୁ ମିଳିଛି ଫୁଲବାଣୀ ବ୍ଲକ ବଇଡା ଦିନାରସିଂ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟରେ। ଦିନ ଦ୍ୱିପ୍ରହରେ ଜଣେ ବ୍ୟବସାୟୀଙ୍କୁ ଡାକି ଏକ ମିନି ଟ୍ରକରେ ଚାଉଳ ବୋଝେଇ କରି ବିକ୍ରି କରାଯାଇଛି । ଏହି ଘଟଣାରେ ସେହି ଦିନ ସ୍କୁଲରେ ଥିବା ୨ ଜଣ ଶିକ୍ଷକ ଏବଂ ଜଗୁଆଳି ସାମିଲ ଅଛନ୍ତି। ଚାଉଳ ଚାଲାଣ ବେଳେ ଜଣେ ସାଧାରଣ ବ୍ୟକ୍ତି ଏହାର ଭିଡିଓ ଉତ୍ତୋଳନ କରିଛନ୍ତି। ସବୁ ପ୍ରମାଣ ଥାଇ ବି ବିଭାଗ ଏହା ମାନିବାକୁ ନାରାଜ। ପୋଲିସ ତଦନ୍ତ କଲେ ପ୍ରମାଣ ମିଳିବ ବୋଲି କହୁଛି । ସେପଟେ



ଚାଉଳ ବୋଝେଇ ଟ୍ରକ ।

### ଶିକ୍ଷକ, ଜଗୁଆଳି ସାମିଲ

ଚାଉଳ ନେଇଥିବା ବ୍ୟବସାୟୀ ଆମର କିଛି ହେବ ନାହିଁ ବୋଲି ଖୋଲାଖୋଲି କହୁଛନ୍ତି । ଗୁରୁବାର ସକାଳ ପ୍ରାୟ ୯ଟା ୨୦ ମିନିଟ । ହଠାତ୍ ବିଦ୍ୟାଳୟ ଗେଟ୍ ଖୋଲିଲା । ଏକ ଟ୍ରକ ବାହାରକୁ ବାହାରିବା ଦେଖି ରାସ୍ତାରେ ଯାଉଥିବା ଜଣେ ଯୁବକ ମୋବାଇଲରେ ଏହାର ଭିଡିଓ ରେକର୍ଡିଂ କଲେ । ଏଥିସହ ଗାଡି ଚାଳକଙ୍କୁ ଡାକ ପକାଇଲେ। ଡ୍ରାଇଭର ଗାଡି ନ ଅଟକାଇବାରୁ ତାଙ୍କୁ ପିଛା କଲେ, ବାଧ ହୋଇ ସେ ଗାଡି ଅଟକାଇଲେ । ଏହା ଦେଖି ସ୍କୁଲ ଗେଟ୍ ଖୋଲିଥିବା ସମ୍ପୃକ୍ତ ବ୍ୟକ୍ତି ତାଲା ପକାଇ ଭିତରେ ଲୁଚି ଗଲେ। ଶୁଟିଂ କରୁଥିବା ଯୁବକ ଜଣକ ଘଟଣା ନେଇ ଗଣମାଧ୍ୟମକୁ ଜଣାଇ ଏହାର ଭିଡିଓ ରେକର୍ଡିଂ ପଠାଇଥିଲେ । ଘଟଣା ସମ୍ପର୍କରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଣବ କୁମାର ପରିଡା ଏବଂ ଜିଲା ମଙ୍ଗଳ ଅଧିକାରୀ ସୀମାଞ୍ଚଳ ବେହେରାଙ୍କୁ ଜଣାଇଥିଲୁ । ସେମାନେ ସେପରି କିଛି ହୋଇନାହିଁ ବୋଲି କହିଥିଲେ । ଫଳରେ ଭିଡିଓ ରେକର୍ଡିଂ ପଠାଇବାରୁ ଏହା ଦେଖି ଚୁପ ରହିବା ସହ ଘଟଣାର ତଦନ୍ତ କରିବେ ବୋଲି କହିଛନ୍ତି ।

## ବ୍ୟବସାୟୀଙ୍କୁ ମାଡ଼ ମାରିବା ଘଟଣା: ଦୁଇ ପୋଲିସ ନିଲମ୍ବିତ

ଜି.ଉଦୟଗିରି,୨୨।୫ (ଡି.ଏନ୍.ଏ.)

କନ୍ଧମାଳ ଜିଲା ଜି. ଉଦୟଗିରି ସହରରେ ଜଣେ ବ୍ୟବସାୟୀଙ୍କୁ କନଷ୍ଟେବଳ ମାଡ଼ ମାରିବା ଘଟଣାରେ ଶନିବାର ୨ ପୋଲିସଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ମନୋରଞ୍ଜନ ସାବତ ଓ ରାଜେନ୍ଦ୍ର କୁମାର ଜାନି। ଜି.ଉଦୟଗିରିର ବ୍ୟବସାୟୀ ସଚି ପୃଷ୍ଟି ସ୍କୁଟିରେ ଘରକୁ ଫେରୁଥିବା ବେଳେ ଶ୍ରୀରାମ ପଦା ଡ୍ୟୁଟିରେ ଥିବା ଦୁଇଜଣ କନଷ୍ଟେବଳ ଗାଡି ଅଟକାଇବା ସହିତ ତାଙ୍କୁ ମାଡ ମାରିଥିଲେ। ଏ ନେଇ ସଚି ଜି. ଉଦୟଗିରି ଥାନା ସହିତ ବ୍ୟବସାୟୀ ସଂଘକୁ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ସମ୍ପୃକ୍ତ ଥିବା ୨ କନଷ୍ଟେବଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ବ୍ୟବସାୟୀ ସଂଘ କାର୍ଯ୍ୟକାରିଣୀ କମିଟି ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ଗତ ଶୁକ୍ରବାର ଅବଗତ କରାଇଥିଲେ। କନ୍ଧମାଳ ଜିଲା ଆରକ୍ଷୀ ଅଧୀକ୍ଷକ ସମ୍ପୃକ୍ତ ପୋଲିସ ମନୋରଞ୍ଜନ ଓ ରାଜେନ୍ଦ୍ରଙ୍କୁ ନିଲମ୍ବିତ କରିଛନ୍ତି ବୋଲି ସ୍ଥାନୀୟ ପୋଲିସ ଏସ୍‌ଡିପିଓ ଡି. ତିରୁପତି ରାଓ ପଟ୍ଟନାୟକ କହିଛନ୍ତି।

## ନବଜାତ ଶିଶୁପୁତ୍ର ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୨୨।୫

ସରକାରୀ ରେଳବାଇ ପୋଲିସ (ଜିଆରପି) ଗୁଡ୍‌ସଶେଡ୍ ରୋଡ ଓଭରବ୍ରିଜ୍ ରେଲୱେ ପାର୍ସଲ୍ କାଉଣ୍ଟର୍ ନିକଟରୁ ଶନିବାର ଏକ ନବଜାତ ଶିଶୁପୁତ୍ରର ମୃତଦେହ ଜବତ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ନମ୍ବର ୧୩/୨୧ରେ ଏକ ମାମଲା ରୁଜୁ କରିଛି। ତେବେ କିଏ ଓ କାହିଁକି ଶିଶୁର ମୃତଦେହ ଫୋପାଡ଼ି ଦେଇଛନ୍ତି ସେ ଦିଗରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଶିଶୁଟିର ପରିଚୟ ସ୍ପଷ୍ଟ ହୋଇ ନ ଥିବାରୁ ମୃତଦେହ ସଂରକ୍ଷଣ ଗୃହରେ ରଖାଯାଇଛି ବୋଲି ପୋଲିସ କହିଛି।

## ମହେନ୍ଦ୍ରତନୟା ନଦୀତଟରେ ପଡ଼ିଛି ପିପିଇ କିଟ୍, ଲୋକେ ଆତଙ୍କିତ

ରାୟଗଡ଼(ଗଜପତି),୨୨।୫

ଗଜପତିଜିଲା ରାୟଗଡ଼ ବ୍ଲକ ସଦର ମହକୁମା ମହେନ୍ଦ୍ରତନୟା ନଦୀତଟରେ ଶନିବାର ସକାଳୁ ପିପିଇ କିଟ୍ ପଡ଼ିଥିବା ଦେଖିବାକୁ ମିଳିଛି। ଏ ନେଇ ଅଞ୍ଚଳ ଲୋକେ ସଂକ୍ରମଣ ଆଶଙ୍କାକୁ ନେଇ ଆତଙ୍କିତ ହୋଇଥିବା ଜଣାପଡିଛି। ଏଥିପାଇଁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ମହେନ୍ଦ୍ରତନୟା ନଦୀତଟରେ କେହି ଜଣେ ବ୍ୟକ୍ତି ବ୍ୟବହୃତ ପିପିଇ କିଟ୍‌କୁ ପକାଇ ଦେଇ ଚାଲି ଯାଇଥିବା ଦେଖିବାକୁ ମିଳିଛି। ଏହା ଦେଖି ଲୋକେ ଆତଙ୍କିତ ହୋଇଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଫୁଲବାଣୀ ଅଫିସ, ୨୨।୫

କନ୍ଧମାଳ ଜିଲା ଚକାପାଦ ବ୍ଲକ ଶିରେଣୀ ଜଙ୍ଗଲରୁ ଶନିବାର ପୋଲିସ ଜଣେ ଯୁବକଙ୍କ ଅର୍ଦ୍ଧ ଗଳିତ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିନାହିଁ। ଉକ୍ତ ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ଯାଇଥିବା କିଛି ବ୍ୟକ୍ତି ମୃତଦେହ ଦେଖି ପୋଲିସକୁ ଜଣାଇଥିଲେ। ମୃତଦେହଟି ପ୍ରାୟ ୧୫ ଦିନ ହେଲା ସେଠାରେ ଝୁଲି ରହିଥିବା ଗ୍ରାମବାସୀ କହୁଛନ୍ତି । ଜି.ଉଦୟଗିରି ଏସ୍‌ଡିପିଓ ଡି. ତିରୁପତି ରାଓ ପଟ୍ଟନାୟକଙ୍କ ନେତୃତ୍ୱରେ ଚକାପାଦ ଏସ୍‌ଆଇ କୃଷ୍ଣଚନ୍ଦ୍ର ବେହେରା, ଏଏସ୍‌ଆଇ ଜୟଦେବ ରଣା ଓ ଫାଣ୍ଡି ଅଧିକାରୀ ଅତିଥି ଚରଣ ନାୟକ ସାଇଣ୍ଟିଫିକ୍ ଟିମ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଥିଲେ। ଘଟଣାସ୍ଥଳରୁ ଏକ ମୋବାଇଲ ଫୋନ ମିଳିଥିବା ପୋଲିସ କହିଛି।

## ଆଜି ବନ୍ଦ ରହିବ ଟିକାକରଣ

ବ୍ରହ୍ମପୁର ଅଫିସ,୨୨।୫

ବ୍ରହ୍ମପୁର ମହାନଗରରେ ରବିବାର ଟିକାକରଣ ବନ୍ଦ ରହିବା ନେଇ ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ଶନିବାର ବିଏମ୍‌ସିର ୧୩ କେନ୍ଦ୍ରରେ ୧୮ରୁ ୪୪ ବର୍ଷ ବର୍ଗଙ୍କ ନିମନ୍ତେ ୮ ହଜାର ଟିକା କରଣ ନେଇ ଟାର୍ଗେଟ ରହିଥିବା ବେଳେ ୭ ହଜାର ୪୭୨ ଟିକା ଗ୍ରହଣ କରିଥିବା ଜଣାପଡ଼ିଛି। ଶନିବାର ୪୫ ବର୍ଷରୁ ଊର୍ଦ୍ଧ୍ୱଙ୍କ ପାଇଁ ଟିକାକରଣ ହୋଇ ନ ଥିବା ବିଏମ୍‌ସି ସୂତ୍ରରୁ ଜଣାପଡ଼ିଛି।

## ସ୍ୱାମୀ, ଶାଶୁ, ଶ୍ୱଶୁର ସମେତ ୬ ଗିରଫ

ଆସିକା,୨୨।୫ (ଡି.ଏନ୍.ଏ.)

### ଯୌତୁକ ଜନିତ ହତ୍ୟା ମାମଲା

ଗାଙ୍ଗପୁର ଥାନା ଖାରିଗୁଡା ଗ୍ରାମରେ ଗତ ବୁଧବାର ରାତିରେ ପିଣ୍ଟୁ ଗୌଡଙ୍କ ସ୍ତ୍ରୀ ଶିବାନୀ ଗୌଡଙ୍କ ମୃତ୍ୟୁ ଘଟିଥିଲା। ଏହା ଏକ ଯୌତୁକ ଜନିତ ହତ୍ୟାକାଣ୍ଡ ବୋଲି ମୃତକଙ୍କ ବାପା ସତ୍ୟନାରାୟଣ ଗୌଡ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଶନିବାର ୬ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ମୃତ ମହିଳାଙ୍କ ସ୍ୱାମୀ ପିଣ୍ଟୁ, ଶ୍ୱଶୁର ଶତ୍ରୁଘନ ଗୌଡ଼, ଶାଶୁ କୁସୁମଲତା, ଦେଢଶୁର ଦିନବନ୍ଧୁଙ୍କ ସମେତ ସୁଶାନ୍ତ ଓ ଶୁକୁର। ଗତ ବୁଧବାର ରାତିରେ ଶିବାନୀଙ୍କୁ ହତ୍ୟା କରାଯାଇ ମୃତ ଦେହକୁ ବାରିପଟ କୂଅରେ ଫିଙ୍ଗି ଦିଆଯାଇଥିଲା। ଗୁରୁବାର ଶିବାନୀ କୂଅରେ ପଡି ମୃତ୍ୟୁବରଣ କରିଥିବା କୁହାଯାଇଥିଲା। ମୃତଦେହ ସଂସ୍କାର କଲା ବେଳେ ମୃତକଙ୍କ ବାପା ଓ ମା' ପହଞ୍ଚି ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୨୦୬/୨୧ରେ ମାମଲା ରୁଜୁ କରିଥିଲା। ଘଟଣା ପରେ ସ୍ୱାମୀ ପିଣ୍ଟୁ ଫେରାର ଥିଲେ।

## ଅକ୍ସିଜେନ୍, ଆଇସିୟୁରେ ବିଦ୍ୟୁତ୍ ସେବା ବ୍ୟାହତ ନ ହେଉ: ଜିଲାପାଳଙ୍କ ନିର୍ଦ୍ଦେଶ

ଛତ୍ରପୁର,୨୨।୫(ଡି.ଏନ.ଏ.)

ଗଞ୍ଜାମ ଜିଲାର ସମସ୍ତ କୋଭିଡ୍ ହସ୍ପିଟାଲ ଗୁଡିକରେ ଅକ୍ସିଜେନ୍ ମହଜୁଦ୍ ଓ ବିଦ୍ୟୁତ୍ ସେବା ଚାଲୁ ରଖିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କୋଭିଡ୍ ମୁକାବିଲା ନେଇ ଶନିବାର ଅନୁଷ୍ଠିତ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ଦୈନିକ ବିବାହ ଭୋଜିଭାତ ସହ କୋଭିଡ୍ ନିୟମ ଉଲ୍ଲଂଘନ କରାଯାଉଛି । ଏଥିପାଇଁ ପ୍ରଶାସନ ଓ ପୋଲିସ ପାଇଁ ମୁଣ୍ଡବ୍ୟଥା ହୋଇଛି। ଭୋଜିଭାତ ଆୟୋଜନ କରୁଥିଲେ ତାକୁ ସିଜ୍ କରାଯିବା ସହ ଜରିମାନା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆରଟିପିସିଆର ଟେଷ୍ଟ ଅଧିକ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜିଲାରେ କୋଭିଡ୍ ସହ ସମ୍ଭାବ୍ୟ ବାତ୍ୟା ମୁକାବିଲା କରିବାକୁ କୁହାଯାଇଛି । ପ୍ରଶାସନ ଆଗୁଆ ପଦକ୍ଷେପ ନେଇ ଘରକୁ ଘର ଯାଇ ସମସ୍ତ ପରିବାରଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ଚାଲିଛି । ଶନିବାର ସୁଦ୍ଧା ୨୧୪ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଅପରପକ୍ଷରେ ୩୧୧ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ୧୮୬୪ କରୋନା ସଂକ୍ରମିତ ସକ୍ରିୟ ଅଛନ୍ତି । ଜିଲାରେ ପୁଣି କରୋନା ୩ ଜଣଙ୍କ ଜୀବନ ନେଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପକ୍ଷରୁ ମାସ୍କ, ସାମାଜିକ ଦୂରତା ଓ ଗାଡି ଯାଞ୍ଚ କରି ଅମାନିଆଙ୍କଠାରୁ ୩ ଲକ୍ଷ ୧୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଏଥିସହ କୋଭିଡ୍ ନିୟମ ଉଲ୍ଲଂଘନ ନେଇ ଗୋଟିଏ ଦୋକାନ ସିଲ୍ କରାଯାଇଥିବା ବେଳେ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ସୂଚନା ଦେଇଛନ୍ତି । ୫ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ ପାଇଁ ଆରଟିଓଙ୍କୁ ପୋଲିସ ପକ୍ଷରୁ ସୁପାରିସ କରାଯାଇଛି । ବେଆଇନ ମଦ କାରବାର ଉପରେ ଚଢାଉ କରାଯାଇ ୧୮୩.୬ ଲିଟର ମଦ ଜବତ ସହ ଏଥିରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି ।

# ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି

ଛତ୍ରପୁର,୨୨।୫(ଡି.ଏନ.ଏ.)

- କରୋନା ରୋଗୀଙ୍କୁ ସ୍ୱତନ୍ତ୍ର ଆଶ୍ରୟସ୍ଥଳୀରେ ରଖାଯିବ
- ସୁରକ୍ଷିତ ସ୍ଥାନକୁ ଲୋକଙ୍କୁ ସ୍ଥାନାନ୍ତର ଚୂଡ଼ାନ୍ତ ପ୍ରସ୍ତୁତି ଆଜି
- ଗର୍ଭବତୀ, ଶିଶୁ,ବୟସ୍କଙ୍କ ପ୍ରତି ଧ୍ୟାନ
- ପରବର୍ତ୍ତୀ ପୁନରୁଦ୍ଧାର ପ୍ରସ୍ତୁତି ଏବେଠୁ କର



ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ସମ୍ଭାବ୍ୟ ବାତ୍ୟା ୟାସ୍‌ର ମୁକାବିଲା ନେଇ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଶନିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଭିଡିଓ କନ୍‌ଫରେନ୍ସରେ ପ୍ରସ୍ତୁତିର ସମୀକ୍ଷା ସହ ଏହାର ମୁକାବିଲା ଉପରେ ଏକ ବୈଠକ କରିଥିଲେ। ଜିଲାର ସମସ୍ତ ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ ଅନ୍ୟ ଅଧିକାରୀମାନଙ୍କ ସହ ଏ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିବା ବୈଠକ ପରେ ଗଣମାଧ୍ୟମକୁ ଜିଲାପାଳ ସୂଚନା ଦେଇଛନ୍ତି । ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ, ସୁରକ୍ଷିତ ସ୍ଥାନକୁ ଲୋକଙ୍କୁ ସ୍ଥାନାନ୍ତର, ବାତ୍ୟା ପରବର୍ତ୍ତୀ ସମୟରେ ଯାହା କ୍ଷତି ହେବ ତା'ର ପୁନରୁଦ୍ଧାର କରିବା, ଆଶ୍ରୟସ୍ଥଳୀ, ସ୍ୱେଚ୍ଛାସେବୀ, ଗାଡି ପ୍ଲାନ ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ରବିବାର ସକାଳ ସୁଦ୍ଧା ପ୍ଲାନ୍ ପ୍ରସ୍ତୁତ ହୋଇଯିବ ବୋଲି ଜିଲାପାଳ କହିଛନ୍ତି ।

କରୋନା ସହ ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତି ଓ ତା'ର ମୁକାବିଲା ଏକ ଚ୍ୟାଲେଞ୍ଜ ବୋଲି ଜିଲାପାଳ କହିବା ସହ ସମସ୍ତ କୋଭିଡ୍ ପ୍ରୋଟୋକଲ୍ ପାଳନ କରି ଏହାକୁ ତ୍ୱରାନ୍ୱିତ କରିବାକୁ ପଡିବ ବୋଲି ସେ ସୂଚନା ଦେଇଛନ୍ତି । ଲୋକଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରି ଗହଳି କରିପାରିବୁନି । ଏଥିପାଇଁ ବିଭିନ୍ନ ସ୍ଥାନରେ ଗହଳି ନ କରି ଲୋକଙ୍କୁ ରଖାଯିବ । ଏହା ଉପରେ ଗୁରୁତ୍ୱ ଦିଆଯିବ । କରୋନା ସଂକ୍ରମଣକୁ କିଭଳି ବାଦ୍ ଦେଇ ଆମର ବାତ୍ୟା ମୁକାବିଲା ପ୍ଲାନ୍ ପ୍ରସ୍ତୁତ ଚାଲିଥିବା ଜିଲାପାଳ କହିଛନ୍ତି। ଖାଲ, କଚ୍ଚା ଘର ଓ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଭଲ ପ୍ଲାନ୍ କରାଯାଉଛି। ଏଥିପାଇଁ ସ୍ଥାନୀୟ ସ୍ତରରେ ଥିବା ପକ୍କା ଘର, କଲ୍ୟାଣମଣ୍ଡପ, ସ୍କୁଲ, ବାତ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି। ଜିଲାପାଳ ଆହୁରି କହିଛନ୍ତି, ଉକ୍ତ ଅଞ୍ଚଳରେ ହୋମ୍ ଆଇସୋଲେଶନରେ ଥିବା କରୋନା ଆକ୍ରାନ୍ତଙ୍କୁ ସ୍ୱତନ୍ତ୍ର ଆଶ୍ରୟସ୍ଥଳୀରେ ରଖାଯିବ । ଏମାନଙ୍କୁ ସେଠାକୁ ନେବା ପାଇଁ ସ୍ୱତନ୍ତ୍ର ଗାଡି ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ। ଏଥିସହ ଉକ୍ତ ଅସୁରକ୍ଷିତ ସ୍ଥାନରେ ଥିବା ଗର୍ଭବତୀ, ଶିଶୁ, ବୟସ୍କ ଓ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ ଚାଲିଛି । ଏମାନଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି। ଜେନେରେଟର, ଲାଇଫ୍ ଜ୍ୟାକେଟ୍, ଖାଇବା ସୁବିଧା ଏବଂ ବାତ୍ୟା ପରବର୍ତ୍ତୀ ସମୟରେ ରାସ୍ତା ସଫେଇ, ପାନୀୟଜଳ ଓ ବିଦ୍ୟୁତ୍ ସେବା ପୁନରୁଦ୍ଧାର ପାଇଁ ପ୍ଲାନ୍ କରିବାକୁ କୁହାଯାଇଛି । ପାଣିପାଗ ବିଭାଗ ସୂଚନା ଓ ସରକାରଙ୍କ ନିର୍ଦ୍ଦେଶରେ ପ୍ରସ୍ତୁତି ଚାଲିଥିବା ଜିଲାପାଳ ସୂଚନା ଦେଇଛନ୍ତି । ପୂର୍ବ ତିତ୍‌ଲି, ଫାଇଲିନ ଓ ହୁଡ୍‌ହୁଡ୍ ଆଦି ପ୍ରାକୃତିକ ବିପର୍ଯ୍ୟୟର ଅନୁଭୂତି ଏବେ ମୁକାବିଲା ଓ ପ୍ରସ୍ତୁତିରେ ସହାୟକ ହେବ । ତେବେ ପରିସ୍ଥିତ ପ୍ରତି ନଜର ରଖାଯାଇଥିବା ଜିଲାପାଳ କହିଛନ୍ତି। ଜିଲାରେ ୧୦୪ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ରହିଛି । ସେଥିମଧ୍ୟରେ ୭୧ ବାତ୍ୟା ଓ ୩୩ ବନ୍ୟା ଆଶ୍ରୟସ୍ଥଳୀ ଅଛି। ସମୁଦ୍ର ଉପକୂଳବର୍ତ୍ତୀ ଛତ୍ରପୁର ବ୍ଲକରେ ୧୦, ଚିକିଟି ବ୍ଲକରେ ୯, ଗଞ୍ଜାମ ବ୍ଲକରେ ୨୬, ରଙ୍ଗେଇଲୁଣ୍ଡା ବ୍ଲକରେ ୧୦ ଓ ଚିଲିକା ଉପକୂଳବର୍ତ୍ତୀ ଖଲ୍ଲିକୋଟ ଅଞ୍ଚଳରେ ୧୬ ବାତ୍ୟା ଆଶ୍ରୟସ୍ଥଳୀ ରହିଥିବା ସୂଚନା ଦିଆଯାଇଛି ।

